

"ପ୍ରତ୍ୟେକ ସଙ୍ଗୀତଜ୍ଞ ଜଣେ କାହାଣୀକାର, ମେଲୋଡି ଏବଂ ତାଳ ବ୍ୟବହାର କରନ୍ତି କାହାଣୀ ବର୍ଣ୍ଣନା କରିବା ପାଇଁ ହୃଦୟର ।"

— ପଣ୍ଡିତ ରବିଶଙ୍କର,
ଭାରତ ରତ୍ନ,
ସୀତାର ପ୍ରବକ୍ତା

## ୭ମ ଅଧ୍ୟାୟ

# ବାଦ୍ୟଯନ୍ତ୍ର

ଉଦ୍ଦେଶ୍ୟ: ଏକ ସଙ୍ଗୀତ ରଚନାରେ ବାଦ୍ୟଯନ୍ତ୍ରର ପ୍ରାସଙ୍ଗିକତା ବୁଝିବା ଏବଂ ବାଦ୍ୟଯନ୍ତ୍ର ପରିବାରର ଅନୁସନ୍ଧାନ କରିବା ।

ସ୍ୱର ଏବଂ ତାଳର ଏକ ସ୍ତର ଏବଂ ସମୃଦ୍ଧ ଶବ୍ଦ ସୃଷ୍ଟି କରିବା ପାଇଁ ଉପକରଣ ବ୍ୟବହାର କରାଯାଏ ।

## କାର୍ଯ୍ୟକଳାପ ୧: ସଙ୍ଗୀତରେ ବାଦ୍ୟଯନ୍ତ୍ରର ଭୂମିକା

'ଶ୍ୟାମଲେ ମୀନାକ୍ଷୀ'' ଗୀତ ଶୁଣ ଏବେ ଏହାକୁ ନିଜେ ଗାଇବାକୁ ଚେଷ୍ଟା କର ।

ଗୀତ: ଶ୍ୟମଲେ ମୀନାକ୍ଷୀ
ସଙ୍ଗୀତକାର: ମୁଥୁସ୍ୱାମୀ ଦୀକ୍ଷିତର

ଶ୍ୟାମଲେ ମୀନାକ୍ଷୀ
ସୁନ୍ଦରେଶ୍ୱର ସକ୍ଷୀ
ଶଙ୍କରି ଗୁରୁଗୁହ
ସମୁଦ୍ଭବେ ଶିବେବା
ପାମର ମୋଚନୀ
ପଙ୍କଜ ଲୋଚନୀ
ପଦ୍ମାସନ ବାଣୀ ହରି
ଲକ୍ଷ୍ମୀ ବିନୁତେ ଶମ୍ଭବୀ
ଶ୍ୟାମଲେ ମୀନାକ୍ଷୀ

0680CH07

| କାର୍ଯ୍ୟକଳାପ | ଶ୍ରେଣୀରେ ଆଲୋଚନା କର |
|---|---|
| ତୁମ ଶ୍ରେଣୀଗୃହରେ ଉପଲବ୍ଧ ଯେକୌଣସି ବାଦ୍ୟଯନ୍ତ୍ର ସହିତ ଏହି ଗୀତଗାନ କର । କିମ୍ବା ତାଳି ବାଜିବା, ଥପ୍ ଥପ୍ ଇତ୍ୟାଦି ଶରୀରର ଅଙ୍ଗ ବ୍ୟବହାର କରି ତାଳ ଦେଇ ଗୀତ ଗାଇବ । | ଶରୀରର ଅଙ୍ଗଗୁଡ଼ିକ ବ୍ୟବହାର ଗୀତ ଗାଇବା ତୁମକୁ କିପରି ସାହାଯ୍ୟ କରିଛି ? ତୁମେ ଏହାକୁ ଉପଭୋଗ କରିଲ କି ? |
| ଏବେ, ଅଡିଓ ଟ୍ରାକ୍ ସହିତ ଗୀତଟି ଗାଅ । ସାଙ୍ଗରେ ଥିବା ବାଦ୍ୟଯନ୍ତ୍ର ଗୁଡ଼ିକ ହେଉଛି ଭାୟୋଲିନ୍ ଏବଂ ଗୋଟିଏ ମୃଦଙ୍ଗ ।. | ଏକ ବାଦ୍ୟଯନ୍ତ୍ର ଏକ ସଙ୍ଗୀତର ଅନୁଭୂତିକୁ କିପରି ପ୍ରଭାବିତ କରେ ? |
| ଏବେ, ଏକ ନୂତନ ବାଦ୍ୟଯନ୍ତ୍ରର ତଥା - ପିଆନୋ ଏବଂ ଡ୍ରମ୍ ର ଏକ ଅଡିଓ ଟ୍ରାକ୍ ସହିତ ଗୀତ ଗାଅ । | ଏକ ଭିନ୍ନ ବାଦ୍ୟଯନ୍ତ୍ର ସହିତ ଗୀତ ଗାଇବାର ଅନୁଭୂତି କ'ଣ ଥିଲା? ତୁମର ପସନ୍ଦ ଥିଲା କି ଏବଂ କାହିଁକି ? |

© NCERT not to be republished

ତୁମେ ଜାଣ କି

ଉସ୍ତାଦ ବିସ୍ମିଲ୍ଲା ଖାଁ ଭାରତର ଅନ୍ୟତମ ଶ୍ରେଷ୍ଠ ଶେହେନାଇ ବାଦକ ଯିଏ କି ଭାରତ ରତ୍ନ ସମ୍ମାନରେ ସମ୍ମାନିତ । ପୂର୍ବରୁ ମୁଖ୍ୟତଃ ଲୋକସଙ୍ଗୀତରେ ବ୍ୟବହୃତ ହେଉଥିବା କାଠ଼ ଶେହନାଇ ଏହି ମହାନ ସଙ୍ଗୀତଜ୍ଞଙ୍କ ପ୍ରୟାସ ଯୋଗୁଁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ଲୋକପ୍ରିୟ ହୋଇପାରିଛି । ତାଙ୍କୁ ଧାର୍ମିକ ସଦ୍ଭାବନାର ପ୍ରତୀକ ଭାବେ ବିବେଚନା କରାଯାଉଥିଲା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନହେବା ଦିନ ତାଙ୍କୁ ଲାଲକିଲ୍ଲାରେ ସଙ୍ଗୀତ ପରିବେଷଣ ପାଇଁ ନିମନ୍ତ୍ରଣ କରାଯାଇଥିଲା।



## କାର୍ଯ୍ୟକଳାପ ୨: ଶୁଣିବା ଏବଂ ପ୍ରତିକ୍ରିୟା କରିବା

ବାଦ୍ୟଯନ୍ତ୍ର ସହିତ ଏକ କାହାଣୀ ଶୁଣ । ବାଦ୍ୟଯନ୍ତ୍ର କେଉଁ ଭାବରେ କାହାଣିର ଗଭୀରତାକୁ ପ୍ରକାଶ କରିଥାଏ ତାହା ବ୍ୟାଖ୍ୟା କର ।


ସରସ୍ୱତୀ ବୀଣା

ଏହି ବାଦ୍ୟଯନ୍ତ୍ର ବଜାଇବା ସମୟରେ ଏକ କାହାଣୀ ଶୁଣ ଏବଂ ତୁମ ଭାବନାକୁ ଲିପିବଦ୍ଧ କର ।

## କାର୍ଯ୍ୟକଳାପ ୩: ବାଦ୍ୟଯନ୍ତ୍ରର ପରିବାର

ସଙ୍ଗୀତର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ଧୁନ୍ ଏବଂ ଟେମ୍ପୋ ବା ଗତି । ଏହାକୁ ଆଧାର କରି ବାଦ୍ୟଯନ୍ତ୍ରଗୁଡ଼ିକୁ ନିମ୍ନମତେ ଶ୍ରେଣୀଭୁକ୍ତ କରାଯାଏ:

- ମେଲୋଡି ବା ଧୁନ୍ ବାଦ୍ୟଯନ୍ତ୍ର
- ତାଳ ବାଦ୍ୟଯନ୍ତ୍ର

ବାଦ୍ୟଯନ୍ତ୍ରଗୁଡ଼ିକ କିପରି ବଜାଯାଏ ତାହା ଉପରେ ଆଧାର କରି ସେମାନଙ୍କୁ ଅଧିକ ଶ୍ରେଣୀଭୁକ୍ତ କରାଯାଏ । ସଙ୍ଗୀତ ବାଦ୍ୟଯନ୍ତ୍ରର ବର୍ଗୀକରଣ ବୁଝିବା ପାଇଁ ପରବର୍ତ୍ତୀ ପୃଷ୍ଠାରେ ଦିଆଯାଇଥିବା ଚିତ୍ରଦେଖ ।

ସାରଣୀରେ ଉଲ୍ଲେଖ କରାଯାଇଥିବା ଉପକରଣ ବ୍ୟତୀତ, ତାଳ ପାଇଁ ବ୍ୟବହୃତ ଅନ୍ୟ ଦୁଇଟି ଯନ୍ତ୍ରର ନାମ ଲେଖ ?

1. ______________________
2. ______________________

ତୁମେ ଧୁନ୍ ପାଇଁ ବ୍ୟବହୃତ ହେଉଥିବା ଦୁଇଟି ବାଦ୍ୟଯନ୍ତ୍ରର ନାମ କହିପାରିବ କି ?

1. ______________________
2. ______________________

ତୁମେ ଦୁଇଟି ଧୁନ୍ ବାଦ୍ୟଯନ୍ତ୍ରର ନାମ କହିପାରିବ କି ଯାହା ତାର ଟୋକି ବଜାଯାଏ ?

1. ______________________
2. ______________________

ଧାତୁରେ ନିର୍ମିତ ଦୁଇଟି ତାଳ ଯନ୍ତ୍ରର ନାମ ଆପଣ କହିପାରିବେ କି?

1. ______________________
2. ______________________

© NCERT not to be republished




© NCERT not to be republished

## QR କୋଡ୍ ସ୍କାନ୍ କର ଏବଂ ଏହାକୁ ବାଦ୍ୟଯନ୍ତ୍ରର ନାମ ସହ ମିଳାଅ

| କ୍ୟୁ ଆର୍ କୋଡ୍ | ବାଦ୍ୟଯନ୍ତ୍ର | କ୍ୟୁ ଆର୍ କୋଡ୍ | ବାଦ୍ୟଯନ୍ତ୍ର |
|---|---|---|---|
| 1. | a.  ସିତାର | 2. | b.  ସନ୍ତୁର |
| 3. | c.  ହାର୍ମୋନିୟମ | 4. | d.  ତନପୁରା |
| 5. | e.  ବେହେଲା | 6. | f.  ଶେହେନାଇ |
| 7. | g.  ତବଲା | 8. | h.  ସରୋଦ |
| 9. | i.  ବଂଶୀ | 10. | j.  ପଖାଓ୍ୱଜ |

© NCERT not to be republished

ଉତ୍ତର: 1-e, 2-d, 3-a, 4-b, 5-c, 6-h, 7-j, 8-i, 9-g, 10-f

## କାର୍ଯ୍ୟକଳାପ ୪ : ନିଜର ଏକ ବାଦ୍ୟଯନ୍ତ୍ର ନିର୍ମାଣ କରିବା

ଜଳତରଙ୍ଗ ଏହା ଏକ ଆକର୍ଷଣୀୟ ବାଦ୍ୟଯନ୍ତ୍ର ଯେଉଁଥିରେ କାଚ, ଧାତୁ କିମ୍ବା ମାଟି ପାତ୍ରର ଏକ ସେଟ୍ ଥାଏ ଯେଉଁଥିରେ ଭିନ୍ନ ଭିନ୍ନ ସ୍ତରର ପାଣି ଥାଏ । କଳାକାର ପ୍ରତ୍ୟେକ ପାତ୍ରର ଧାରକୁ କାଠ ବାଡ଼ିରେ ବାଡ଼େଇ ଧୁନ୍ ପ୍ରସ୍ତୁତ କରିନ୍ତି । ଏହା ଉଭୟ ଧୁନ୍ ଏବଂ ତାଳ ବାଦ୍ୟ ଯନ୍ତ୍ର। ଆମେ ଏହାକୁ ଏକ ପବନ ଯନ୍ତ୍ର ଭାବରେ ଶ୍ରେଣୀଭୁକ୍ତ କରିପାରିବା କାରଣ ପ୍ରତ୍ୟେକ ପାତ୍ରରେ ଜଳସ୍ତର ଉପରେ ଥିବା ବାୟୁ କମ୍ପନ କରି ଶବ୍ଦ ଉତ୍ପନ୍ନ କରିଥାଏ । ଏହା ମଧ୍ୟ ଏକ ପର୍କସିଭ୍ ଯନ୍ତ୍ର କାରଣ ଏଥିରେ ମେମ୍ବ୍ରେନ୍ କିମ୍ବା ପୃଷ୍ଠକୁ ଧକ୍କା ଦେଇ ଶବ୍ଦ ଉତ୍ପନ୍ନ ହୁଏ, ଯାହା ପାତ୍ରର ଧାର ଅଟେ ।

ଆସ ତୁମ ରୋଷେଇ ଘରେ ଉପଲବ୍ଧ ପାତ୍ରଗୁଡିକ ସାହାଯ୍ୟରେ ଜଳତରଙ୍ଗ ଏକ ତିଆରି କରିବା ।

### ତୁମକୁ ଆବଶ୍ୟକ ହେବ

ପାଞ୍ଚଟି ମଜବୁତ ପାତ୍ର, ଗୋଟିଏ ପାଣି ପାତ୍ର ଏବଂ ଦୁଇଟି ପେନ୍ସିଲ୍ କିମ୍ବା କାଠର ଛୋଟ ଛୋଟ ବାଡ଼ି । ଏବେ ଆସ ପ୍ରସ୍ତୁତ କରିବା -

- ଗୋଟିଏ ଧାଡ଼ିରେ ଏକ ଟେବୁଲ ଉପରେ ପାତ୍ରଗୁଡ଼ିକୁ ସଜାଇ ରଖ ।
- ପାତ୍ରରେ ବିଭିନ୍ନ ପରିମାଣରେ ପାଣି ଭର । ତୁମେ ପ୍ରଥମ ପାତ୍ରକୁ ଏକ କପ୍ ପାଣିରେ ଭର୍ତ୍ତି କରିପାରିବ, ଦ୍ୱିତୀୟ ପାତ୍ରରେ ତିନିରୁ ଚାରି କପ୍ ପାଣି ଭରି ପାରିବ, ତୃତୀୟ ପାତ୍ରରେ ଦେଢ଼ କପ୍ ଏବଂ ଚତୁର୍ଥ ପାତ୍ରରେ ଏକ ଚତୁର୍ଥାଂଶ କପ୍ ପାଣି ଭର ।
- ବର୍ତ୍ତମାନ ତୁମ ନିଜର ଜଳତରଙ୍ଗ ବ୍ୟବହାର ପାଇଁ ପ୍ରସ୍ତୁତ ।
- ଧୀରେ ଧୀରେ ପ୍ରତ୍ୟେକ ପାତ୍ରର ଧାରକୁ ପେନ୍ସିଲ୍ କିମ୍ବା ବାଡ଼ିରେ ଧିରେ ଧିରେ ବାଡ଼ାଅ ଏବଂ ନିଜ ସଙ୍ଗୀତର ଧୁନ୍ ପ୍ରସ୍ତୁତ କର । ଯେତେବେଳେ ତୁମେ ଭିନ୍ନ ଭିନ୍ନ ପାତ୍ରରେ ଆଘାତ କର ସେତେବେଳେ ଧୁନ୍ ର ସ୍ତର କିପରି ଅଲଗା ହେଉଛି ତାହା ନିରୀକ୍ଷଣ କର।



© NCERT not to be republished

## କାର୍ଯ୍ୟକଳାପ ୫: ଶୁଣିବା ଏବଂ ଶିଖିବା

ଭାରତୀୟ ସଂଗୀତ ଅଭିଜ୍ଞତା ସଂଗ୍ରହାଳୟ, ବେଙ୍ଗାଲୁରୁ ଦ୍ୱାରା ଭାରତୀୟ ଯନ୍ତ୍ରଗୁଡ଼ିକର ଏକ ଦୃଶ୍ୟ ଏବଂ ଏହାର ବର୍ଣ୍ଣିତ ପରିଚୟ ଦେଖ । ଏହି ବାଦ୍ୟଯନ୍ତ୍ରଗୁଡ଼ିକ ମଧ୍ୟରୁ କେଉଁଟି ତୁମର ପସନ୍ଦ ଏବଂ କାହିଁକି ? ଧ୍ୟାନ ଦିଅ ଯେ ବିଭିନ୍ନ ଉପାୟ ଉପରେ ଯନ୍ତ୍ରଗୁଡ଼ିକୁ ଶ୍ରେଣୀଭୁକ୍ତ କରାଯାଇପାରିବ ।

## କାର୍ଯ୍ୟକଳାପ ୬: ନିମ୍ନଲିଖିତ ବିଷୟଗୁଡ଼ିକୁ ଆଧାର କରି ଏକ ଏକ ପ୍ରୋଜେକ୍ଟ ତିଆରି କରିବା

- ସଙ୍ଗୀତ ଓ ବିଜ୍ଞାନ ।
- ଯେ କୌଣସି ସ୍ଥାନୀୟ ସଙ୍ଗୀତଜ୍ଞଙ୍କ ଜୀବନଚିତ୍ର ଏବଂ ତାଙ୍କ ସୃଷ୍ଟି ସମ୍ଭାର ।

### ବାଦ୍ୟଯନ୍ତ୍ରର ଚମତ୍କାରୀ ଦୁନିଆ

ବାଦ୍ୟଯନ୍ତ୍ର ଏକ ସମୃଦ୍ଧ ସଙ୍ଗୀତ ଅନୁଭୂତି ସୃଷ୍ଟି କରିଥାଏ । ଉପକରଣଗୁଡିକର ଉପଯୋଗିତା ଏବଂ ସେଗୁଡିକ ଯେଉଁ ପଦାର୍ଥରୁ ସୃଷ୍ଟି କରାଯାଏ ତାହା ଉପରେ ଆଧାର କରି ବର୍ଗୀକରଣ କରାଯାଇପାରେ । ତୁମେ ଉପଭୋଗ କରୁଥିବା ଗୀତଗୁଡ଼ିକ ଶୁଣ । ବ୍ୟବହୃତ ଉପକରଣଗୁଡ଼ିକୁ ଚିହ୍ନଟ କର ଏବଂ ସେଗୁଡ଼ିକୁ ବିଭିନ୍ନ ବର୍ଗରେ ଶ୍ରେଣୀଭୁକ୍ତ କର ।

**ଶିକ୍ଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ**

ବିଦ୍ୟାଳୟରେ ଏକ କର୍ମଶାଳା ଏବଂ ପ୍ରଦର୍ଶନ ପାଇଁ ସ୍ଥାନୀୟ କଳାକାରମାନଙ୍କୁ ନିମନ୍ତ୍ରଣ କରିପାରିବ। ପିଲାମାନଙ୍କୁ କଳାକାରଙ୍କ ସହ ବାର୍ତ୍ତାଳାପ କରିବାକୁ ଉତ୍ସାହିତ କରନ୍ତୁ ଏବଂ ସେମାନେ ସେମାନଙ୍କ ଶିକ୍ଷକଙ୍କଠାରୁ କିପରି ଶିଖିଲେ ତାହା ଜାଣିବାପାଇଁ ପ୍ରଶ୍ନ ପଚାରିବା ପାଇଁ ପ୍ରେରଣା ଦିଅନ୍ତୁ । ସେମାନେ କେଉଁ ପ୍ରକାରର ଜୀବନ ଯାପନ କରନ୍ତି ଏବଂ ଅନ୍ୟ କୌଣସି ଅନୁଭୂତି କଳାକାରମାନେ ବିନିମୟ କରିବାକୁ ଇଚ୍ଛୁକ ତାହା ଅନୁସନ୍ଧାନ କରନ୍ତୁ । ଏଥିସହିତ ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦିଷ୍ଟ ବାଦ୍ୟଯନ୍ତ୍ର ଏବଂ ସେମାନଙ୍କର ମୌଳିକ ବଜାଇବା କୌଶଳ ଶିଖିବାକୁ ଉତ୍ସାହିତ କରନ୍ତୁ (ଶିକ୍ଷକଙ୍କ ଉପଲବ୍ଧତା ଅନୁଯାୟୀ)।



ପଣ୍ଡିତ ରବିଶଙ୍କର
(ଭାରତ ରତ୍ନ ପୁରସ୍କାର ପ୍ରାପ୍ତ)

© NCERT not to be republished